## ସଂକ୍ଷେପରେ

### ଇସ୍କନ ପକ୍ଷରୁ ଗୀତା ଜୟନ୍ତୀ



ସୁନାବେଡା, ୨୦।୧୨ (ସ୍ୱ.ପ୍ର.)- ସୁନାବେଡା ଇସ୍କନ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଅନ୍‌ଲାଇନ ମାଧମରେ କୁଇଜ ଓ ଗୀତା ଆବୃତି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୁଇଜରେ ପିୟୁଷ ପ୍ରଦୀପ ପ୍ରଥମ, ପ୍ରତ୍ୟୁଷ ମହାପାତ୍ର ଦ୍ୱିତୀୟ ଏବଂ ୧୨ ଜଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଗୀତା ଆବୃତିରେ ଆଦିତ୍ୟ ନାରାୟଣ କର ପ୍ରଥମ, ଓମ୍ ପ୍ରକାଶ ସ୍ୱାଇଁ ଦ୍ୱିତୀୟ ଏବଂ ୧୨ ଜଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସମାଜିକ କର୍ମୀ ଡ଼ା ଜଳେନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣରେଖା ମହାନ୍ତି ଓ ପ୍ରିୟତମା ଖାଡେଙ୍ଗା ଉପସ୍ଥିତ ରହି ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଗୀତା ଦ୍ୱାରା ଶିଶୁମାନଙ୍କ ଉନ୍ନତି ଏବଂ ବର୍ତ୍ତମାନ ଯୁଗରେ ଏହାର ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଦିବ୍ୟନିଧି ଦାସ ଓ ଖଗେଶ୍ୱର ପ୍ରଭୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଧାରେ ଅଟକିଛି ରାସ୍ତା କାମ, ଧୂଳି ଧୂସରିତ ହେଉଛନ୍ତି ଲୋକେ

ସୁନାବେଡା/ସେମିଳିଗୁଡା,୨୦।୧୨ (ସ୍ୱ.ପ୍ର.)- ପୌର ପାରିଷଦ ପକ୍ଷରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ରାସ୍ତାର ବିକାଶ ପାଇଁ ଯୋଜନା ହୋଇଥିଲା। ଏହି କ୍ରମରେ ଗତ କିଛି ଦିନ ହେବ ବିଭିନ୍ନ ୱାର୍ଡର ରାସ୍ତା ମରାମତି ସହ କିଛି ଅଞ୍ଚଳରେ ରାସ୍ତାର ନବୀକରଣ କାର୍ଯ୍ୟ ଜାରି ରହିଛି। ଏହାବ୍ୟତୀତ ସହରର ଆଉ କେତେକ ୱାର୍ଡର କେତେକ ମୁଖ୍ୟ ରାସ୍ତାକୁ ସ୍ମାର୍ଟ ରୋଡ୍ ନାମରେ ନାମିତ କରି କାମ ଚାଲୁ ରହିଛି। ହେଲେ କାମ ଆରମ୍ଭର ୮ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା କିଛି ସ୍ଥାନରେ ରାସ୍ତା କାମ ଧିମା ଗତିରେ ଚାଲିଛି। କିଛି ସ୍ଥାନରେ କାମଗୁଡିକ ଅଧପନ୍ତରିଆ ହୋଇ ପଡିରହିଛି। ଠିକା ନେଇଥିବା ସଂସ୍ଥା କିଛି ସ୍ଥାନରେ କେବଳ ପଥରଗୁଣ୍ଡ ପକାଇ ନୀରବ ରହିଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଧୂଳି ଧୂଆଁରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ସେହିପରି ପରିଷଦର ୧୮ ନଂ. ୱାର୍ଡ ରାସ୍ତା ଯାହା ୨୬ ନମ୍ବର ଜାତୀୟ ରାଜପଥରୁ ସେମିଳିଗୁଡା ମହାବିଦ୍ୟାଳୟକୁ ସଂଯୋଗ ହେଉଛି, ସେହି ରାସ୍ତାରେ ମଧ ଏଭଳି ଦେଖିବାକୁ ମିଳିଛି। ଗତ କିଛି ମାସ ତଳେ ପୌର ପ୍ରଶାସନ ଉକ୍ତ ରାସ୍ତାଟିକୁ ସ୍ମାର୍ଟ ରାସ୍ତା ଘୋଷଣା କରି ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦେଇଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ ଯାତାୟାତ କରନ୍ତି। ତେବେ ରାସ୍ତାରେ ପଡିଥିବା ଡ଼ଷ୍ଟ ଉଡ଼ି ପରିବେଶ ଦୂଷିତ କରିବା ସହ ଛାତ୍ରୀଛାତ୍ରଙ୍କ ଯାତାୟାତରେ ଅସୁବିଧାର ସୃଷ୍ଟି କରୁଛି ବେଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୌର ପରିଷଦ ତୁରନ୍ତ ଅଧପନ୍ତରିଆ ହୋଇ ପଡିଥିବା ରାସ୍ତାଗୁଡିକର ନିର୍ମାଣ ଶେଷ କରିବକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କୁ ପଚାରିବାକୁ ଫୋନ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ।

# ୧୧ ରାଜନୈତିକ ଦଳଙ୍କୁ ନେଇ ଓଡ଼ିଶା ବଞ୍ଚାଅ ଅଭିଯାନ

ଜୟପୁର,୨୦।୧୨ (ନି.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ଜନ ବିରୋଧୀ ନିଷ୍ପତ୍ତି ବିରୋଧରେ ବେକାରୀ ଦର ବୃଦ୍ଧି, ଚାଷ ଓ ଚାଷ ନେଇ ରହିଥିବା ସମସ୍ୟା ସମାଧାନ ନେଇ ୧୧ଟି ରାଜନୈତିକ ଦଳକୁ ନେଇ ଓଡ଼ିଶା ବଞ୍ଚାଅ ଅଭିଯାନ ସିପିଆଇଏମ୍ ପକ୍ଷରୁ କୋରାପୁଟ ଜିଲାସ୍ତରୀୟ କନଭେନଶନ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଯୁଧିଷ୍ଠିର ରାହୁଳ, ଶମ୍ଭୁ ପ୍ରସାଦ ମହାନ୍ତି, ପ୍ରବିର ପାତ୍ର, ବ୍ରଜ ମାଝୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀର ସଭାପତିତ୍ୱରେହୋଇଥିବା ଏହି କନଭେଶନରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସମତାକାନ୍ତି ଦଳର ସଭାପତି ବ୍ରଜ କିଶୋର ତ୍ରିପାଠୀ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିର ସମାଲୋଚନା କରିଥିଲେ। ଉଭୟ ସରକରଙ୍କ ଯୋଗୁ ଗତ କିଛିବର୍ଷ ହେଲା ସାଧାରଣ ଜନତା ବିଭିନ୍ନ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି ତ୍ରିପାଠୀ କହିଥିଲେ। ରାଜ୍ୟରେ ବେକାରି ବଢିବାରେ ଲାଗିଛି, ଚାଷୀ ଆତ୍ମହତ୍ୟା କରୁଛି, ପ୍ରେଟୋଲ, ଡିଜେଲ ଓ ଇନ୍ଧନ ଗ୍ୟାସର ଦରଦାମ ବୃଦ୍ଧି ପାଇ ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି ପି ଆଇ,(ଏମ)ର ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ ମହାନ୍ତି, ସିପିଆଇ (ଏମ୍‌ଏଲ୍) ଲିବୋରେଶନର ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖି କୋରାପୁଟ ଜିଲାର ଅଧିବାସୀ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ସେମନେ ତୁରନ୍ତ ଜୟପୁର ସେବା ପେପର ମିଲକୁ ସ୍ୱାଭାବିକ ଭାବେ ଚଳାଇବା ଲାଗି ଦାବି କରିଥିଲେ। ଏହି କନଭେନଶନରେ ମହିଳା ନେତ୍ରୀ ଲିଲି ନାୟକ, ଚିନ୍ମୟୀ ସାହୁ, ଗୋବିନ୍ଦ ଖିଲ, ରାମକୃଷ୍ଣ ଦାସ, ଧନ ଗିଡରିଆ, ସଦା ମାଝୀ, ସୋମନାଥ ଖିଲ, କେସେ ବଡ଼ନାୟକ, ଦୁର୍ଯ୍ୟୋଦନ ପୂଜାରୀ ଉପସ୍ଥିତ ଥିଲେ।

## କେନ୍ଦ୍ର,ରାଜ୍ୟ ସରକାର ଜନ ସମସ୍ୟା ସମାଧାନରେ ବିଫଳ: ସିପିଆଇ

ମାଲକାନଗିରି/ମାଥିଲି, ୨୦।୧୨(ଡି.ଏନ୍.ଏ.)

ଭାରତୀୟ କମୁନିଷ୍ଟ ପାର୍ଟି ମାଲକାନଗିରି ଜିଲାର ସାଧାରଣ ବୈଠକ ଗୋବିନ୍ଦପାଲି ମା ତାରାତାରିଣୀ ବୈଠକ ଗୃହରେ ହରି ଓଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲା ସମ୍ପାଦକ ହଳଧର ପୁଜାରୀ ଦଳର କାର୍ଯ୍ୟପନ୍ଥା ଓ ଆଗାମୀ ଆନ୍ଦୋଳନ ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ସିପିଆଇ ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନଗୋ ବୈଠକରେ ଯୋଗ ଦେଇ ଆନ୍ଧ୍ର ପ୍ରଦେଶର ବିଜୟୱାଡାଠାରେ ପାର୍ଟିର ମହା ଅଧିବେଶନରେ ରାଜନୈତିକ ଓ ସାଂଗଠନିକ ନିଷ୍ପତି ସମ୍ପର୍କରେ ଆଲୋଚନା କରି କହିଥିଲେ, ଦେଶରେ ଭାଜପା ସରକାର କ୍ଷମତାକୁ ଆସିଲା ପରେ ଦେଶର ସମସ୍ତ ଜାତୀୟ ସମ୍ପଦକୁ ଘରୋଇ କମ୍ପାନୀଙ୍କ ହାତରେ ଟେକିଦେଇଛି। ଜୀବନ ବୀମା ପରି ରାଷ୍ଟ୍ରୀୟତା ସଂସ୍ଥାକୁ ବିକ୍ରି କରି ସାରିଲେଣି। କୋଇଲା, ବିମାନବନ୍ଦର, ରେଳ, ରେଳ ଷ୍ଟେସନ ନାଲକୋ, ବିଦ୍ୟୁତ୍ ଆଦି ରାଷ୍ଟ୍ରୀୟ ସଂସ୍ଥାକୁ ଘରୋଇ କମ୍ପାନୀକୁ ବିକ୍ରି କରି ଦେଶର ଅର୍ଥନୀତିକୁ ଧ୍ୱସାଂଭିମୁଖୀ କରାଯାଇଛି। ବେକାରୀ, ଦରିଦ୍ର୍ୟ, ଦରଦାମ ବୃଦ୍ଧି ରୋକିବାରେ ଏ ସରକାର ବିଫଳ ହୋଇଛି। ସରକାରଙ୍କ କୃଷି କଳା ଆଇନ ବିରୋଧରେ କୃଷକ ଆନ୍ଦୋଳନ ଫଳରେ ଆଇନ ପ୍ରତ୍ୟାହାର ହୋଇଥିଲେ ମଧ ଏନେଇ ବିପଦ ଟଳିନାହିଁ ବୋଲି କାନୁନଗୋ କହିଥିଲେ। ମାଲକାନଗିରି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ହୋଇଥିଲେ ମଧ ଏହି ଜିଲାର ବିକାଶ ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ପୋଲାଭରମ ପ୍ରକଳ୍ପ ପାଇଁ କ୍ଷତିଗ୍ରସ୍ତ ମୋଟୁ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କୁ ଥଇଥାନ କରାଯାଇ ସେମାନଙ୍କୁ ରୋଜଗାର ଦେବା, ଆଦିବାସୀଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ, ଜିଲାକୁ ତୁରନ୍ତ ରେଳପଥ ନିର୍ମାଣ କରିବା, ମେଗା ଜଳ ପ୍ରକଳ୍ପର ଜଳକୁ ଚାଷୀଙ୍କୁ କୃଷି କାର୍ଯ୍ୟ ପାଇଁ ଯୋଗାଇଦେବା, ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଲାଗି ବ୍ୟାପକ ଜନ ଆନ୍ଦୋଳନ ପାଇଁ ମହାଅଧିବେଶନରେ ନିଷ୍ପତ୍ତି ହୋଇଥିବା କାନୁନଗୋ କହିଥିଲେ। ଗୁରୁଦୋରା, ବିଷ୍ଣୁପ୍ରିୟା ଚୌଧୁରୀ, ରୁକ୍ମଣୀ ପୁଜାରୀ, ଦୟାମଣି ଗୋଲରି, ନନ୍ଦ ବଡନାୟକ, ସୁନାଧର ଶିଶା, କୁମର ଯାବାଲ, ଦିଲୀପ ସାମଲ, ରାମ ମାଡକାମି, ଘେନୁ ବଡନାୟକ, ମିନୁ ଖରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଜୟପୁର, ୨୦।୧୨ (ନି.ପ୍ର.)

ଜୟପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଜୟପୁର ବ୍ଲକ ଆନୁକୂଲ୍ୟରେ ଏହି ଶିବିର ହୋଇଥିଲା। ଶିବିରକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମଦୁଲି, ଉପାଧ୍ୟକ୍ଷ ଗଣେଷ ପାଢୀ, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସରପଞ୍ଚ, ସମିତିସଭ୍ୟା ମାନେ ଉପସ୍ଥିତ ଥିଲେ। ଜୟପୁର ବ୍ଲକ ୨୨ଟି ପଞ୍ଚାୟତରେ ଥିବା ଭିନ୍ନକ୍ଷମମାନେ ଶିବିରରେ ଯୋଗ ଦେଇଥିଲେ। ସେମାନଙ୍କ ସୁବିଧା ପାଇଁ ବିଭିନ୍ନ କାଉଣ୍ଟର କରାଯାଇଥିଲା। ସେଠାରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଉପସ୍ଥିତ ଥିଲେ।


ଶିବିରରେ ବିଧାୟକ ତାରାପ୍ରସାଦ ବାହିନୀପତି ଜଣେ କୁନି ଝିଅକୁ ଟ୍ରାଇ ସାଇକେଲ ଦେଉଛନ୍ତି ।

## ଘୋଷଣାର ସପ୍ତାହେ ବିତିଲାଣି, ଆରମ୍ଭ ହେଉନି ଖରିଫ ଧାନ ମଣ୍ଡି

କୁନ୍ଦୁରା,୨୦।୧୨ (ଡି.ଏନ.ଏ.)

କୋରାପୁଟ ଜିଲାରେ ଡିସେମ୍ବର ୧୫ ରେ ଖରିଫ ଧାନ ମଣ୍ଡି ହେବା ନେଇ ଜିଲା ପ୍ରୋକ୍ୟୁରମେଣ୍ଟ ବୈଠକରେ ନିଷ୍ପତ୍ତି ହେଇଥିଲା। ମାତ୍ର ପ୍ରଶାସନର ଏହି ଘୋଷଣାକୁ ୫ ଦିନ ବିତି ଯାଇଥିଲେ ସୁଦ୍ଧା ଧାନମଣ୍ଡି ଆରମ୍ଭ ହୋଇନି। ପରବରେ ମାତି ଜିଲା ପ୍ରଶାସନ ଏବଂ ଯୋଗାଣ ବିଭାଗ ଧାନମଣ୍ଡି କଥା ଭୁଲି ଯାଇଛନ୍ତି। ମିଲର୍ସ ମାନେ ଜିଲା ଯୋଗାଣ ବିଭାଗ ଏବଂ ଜିଲା ପ୍ରଶାସନକୁ ମଣ୍ଡି ବିଳମ୍ବ କରିବା ପାଇଁ ଚାପ ପକାଉଥିବା ଅଭିଯୋଗ ଉଠିଲାଣି। ଖରିଫ ଧାନ ବିକ୍ରି କରିବା ଲାଗି ନଭେମ୍ବର ଶେଷ ସୁଦ୍ଧା ଏହି କାର୍ଯ୍ୟ ସରିବକୁ ଚାଷୀ ପ୍ରଶାସନକୁ ଅନୁରୋଧ କରିଥିଲେ। ଚାଷୀଙ୍କ ଏହି ଅନୁରୋଧ ପାଣିର ଗାର ପାଲଟିଛି। ବର୍ତ୍ତମାନ ଚାଷୀ ଶତ ପ୍ରତିଶତ ଧାନ ଅମଳ କରି ରବି ଋତୁ ପାଇଁ ଧାନ ରୁଆ ଏବଂ ବୁଣିବା ପାଇଁ ପ୍ରସ୍ତୁତ ହେଲାଣି। ଲିମା ପଞ୍ଚାୟତ ସଦରରେ ରହୁଥିବା ଚାଷୀ ବଦ୍ରି ନାରାୟଣ ଆଚାର୍ଯ୍ୟ ଘିୟୁରିୟାଗୁଡ଼ାଠାରେ ରହିଥିବା ତାଙ୍କ ଜମିରେ ରୁଆ କାର୍ଯ୍ୟ ଶେଷ କରିଥିବା ଦେଖିବାକୁ ମିଳିଛି। ଏନେଇ ସେ କହିଛନ୍ତି ମୋ ଜମିକୁ ତହସିଲଦାର, ଯୋଗାଣ ନିରୀକ୍ଷକ, ସମବାୟ ସମିତି ଅଧିକାରୀମାନେ ଆସି ଦେଖନ୍ତୁ ପ୍ରକୃତରେ ଚାଷୀ ଧାନ ଚାଷ କରୁଛି କି ନାହି। ସୂଚନାଯୋଗ୍ୟ, ଗତବର୍ଷ ଏହି ସମୟରେ ଅନେକ ଚାଷୀଙ୍କ ପଞ୍ଜୀକରଣରେ ଜାଲିଆତି ଯୋଗୁ ଚାଷୀ ଅନ୍ଦୋଳନ କରିଥିଲେ। ଉପଜିଲାପାଳ ବେଦବର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଆଗାମୀ ଦିନରେ ଏଭଳି ହେବନାହିଁ ବୋଲି ପ୍ରତିଶ୍ରୁତି ଦେଥିଲେ। ଚଳିତ ଖରିଫ ଋତୁରେ ୪୦୦ ଚାଷୀଙ୍କ ପଞ୍ଜୀକରଣ ହୋଇନାହିଁ। ଯେଉଁ ଚାଷୀମାନେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି ସେମାନେ କେଉଁଠି ଧାନ ବିକ୍ରି କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ କିଛି ଦିନ ତଳେ କୋରାପୁଟ ଜିଲା କୃଷକ କଲ୍ୟାଣ ମଞ୍ଚ ଜିଲାପାଳ,ଉପ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଏବଂ ତହସିଲଦାରଙ୍କୁ ଭେଟି ଶୀଘ୍ର ଧାନ ମଣ୍ଡି ଖୋଲିବାକୁ ଦାବି କରିଥିଲେ। ଏନେଇ ଜିଲା ଯୋଗାଣ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଏହି ଦାୟିତ୍ୱ ମୁଁ ଜୟପୁର ସଦର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କୁ ଦେଇଛି। ସେ ୨/୩ ଦିନ ମଧ୍ୟରେ ସମସ୍ତ ମଣ୍ଡିରେ ଧାନ କ୍ରୟ ଆରମ୍ଭ କରିବେ।

## ୨୦୨୩ ହକି ବିଶ୍ୱକପ୍ ସଚେତନତା ପାଇଁ ବ୍ଲକସ୍ତରୀୟ କ୍ରୀଡା

ମାଲକାନଗିରି,୨୦।୧୨(ଡି.ଏନ୍.ଏ.)

ଆସନ୍ତା ୨୦୨୩ରେ ହେବାକୁ ଥିବା ହକି ବିଶ୍ୱକପ ଅବସରରେ ମାଲକାନଗିରି ଜିଲା କୋରୁକୋଣ୍ଡାରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ସ୍ୱାମୀ ଶିବାନନ୍ଦ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୭ରେ ବ୍ଲକ ଅଧୀନ ୧୨ଟି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଏଥିରେ ଉତୀର୍ଣ୍ଣ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ମଙ୍ଗୁ ଖିଲ, ବିଜେଡି ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, ସମନ୍ୱିତ ଶିଶୁ ବିକାଶ ଅଧ୍ୟକ୍ଷା ନିଳିମା ମଣ୍ଡଳ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କାନ୍ତ ବେହେରା, ଭାରପ୍ରାପ୍ତ ସମ୍ପ୍ରସାରଣ ଅଧିକାରୀ ସୁରେଶ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତଥିଲେ। ପଞ୍ଚାୟତସ୍ତରରୁ ୩୬ ଛାତ୍ରୀଛାତ୍ର ଜିଲା ସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଧୁଙ୍ଗିଆପୁଟରେ ଧାନ ମଣ୍ଡି ଆରମ୍ଭ


ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

ମାଥିଲି,୨୦।୧୨(ଡି.ଏନ୍.ଏ. )

ଧୁଙ୍ଗିଆପୁଟ ଧାନମଣ୍ଡି ପଡ଼ିଆରେ ଚଳିତ ଖରିଫ ଋତୁର ଧାନମଣ୍ଡ ମଙ୍ଗଳବାର ଆରମ୍ଭ ହୋଇଛି। ମାଥିଲି ଲ୍ୟାମ୍ପ ସଭାପତି ମୁନିବତୀ ବୁଡୁବାଡେ, ଉପସଭାପତି ଡମୁନି ପୂଜାରୀ, ଡାଇରେକ୍ଟର ସୁବାଷ ଖୁଡୁପିଆ, ସୁଦର୍ଶନ ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସରପଞ୍ଚ ମଧୁସୂଦନ ନାୟକ, ମାଥିଲି ଜୋନ୍ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀପ୍ରିୟା ନାୟକ, ଲ୍ୟାମ୍ପ ନିର୍ଦ୍ଦେଶକ ହଳଧର ପୂଜାରୀ, ଭିଏଡବ୍ଲ୍ୟୁ ଲୁକୁନାଥ ମଣ୍ଡାଙ୍ଗି,ଏମ୍‌ଡି ସନ୍ତୋସିନୀ ସାହୁ, ବିଜେଡି ବ୍ଲକ ସଭାପତି ବନ୍ଧୁ ମୁଦୁଲି, ସାମାଜିକ କର୍ମୀ ଦଶରଥ ସଗରିଆ, ଡାଇରେକ୍ଟର ତ୍ରିନାଥ ଭୂମିଆ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କ ଧାନ ବିକ୍ରି ସମସ୍ୟା ସମ୍ପର୍କରେ ଯାହା ଯାହା ଅଭିଯୋଗ ଆସିବ ତାହାର ତ୍ୱରିତ ସମାଧାନ କରାଯିବ ବୋଲି ଲ୍ୟାମ୍ପ ପରିଚାଳକ ବୁଡୁବାଡ଼େ କହିଥିଲେ। ଲ୍ୟାମ୍ପ କର୍ମଚାରୀ ଅନନ୍ତ ବିଶୋୟୀ, ପ୍ରଶାନ୍ତ ନାୟକ ସହଯୋଗ କରିଥିଲେ।

## ଭାରତୀୟ ବିଦ୍ୟା ନିକେତନ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ


ଛାତ୍ରମାନେ ଘୋଷ ବାଦ୍ୟ ବଜାଇ ମଶାଲ ଆଣୁଛନ୍ତି।

କାଲିମେଳା, ୨୦।୧୨ (ଡି.ଏନ.ଏ.)

ମାଲକାନାଗିରି ଜିଲା କାଲିମେଳା ସଦରରେ ଥିବା ଭାରତୀୟ ବିଦ୍ୟା ନିକେତନ ଗୁରୁକୁଳ ବିଦ୍ୟାଳୟର ୫ମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ କାଲିମେଳା ହାଟପଦା ନିକଟରେ ଥିବା ଗ୍ରାମ ଦେବୀ ମା ଭୈରବୀ ମନ୍ଦିରକୁ ଯାଇ ସେଠାରେ ପୂଜା ଅର୍ଚ୍ଚନା କରିଥିଲେ। ପରେ ମଶାଲରେ ଅଗ୍ନି ପ୍ରଜ୍ୱଳିତ କରି ଘୋଷ ବାଦ୍ୟ ବଜାଇ କାଲିମେଳା ସହର ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲେ । ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସଭା ସଭାରେ ପ୍ରଧାନ ଆଚାର୍ଯ୍ୟ ନୀଳାମ୍ବର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କାଲିମେଳା ସରପଞ୍ଚ ପୃଥିରାଜ ମାଝୀ, ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରତିନିଧି ଇ. ଭେଙ୍କଟ ରାଓ, ସମ୍ମାନିତ ଅତିଥି ରୂପେ ବ୍ଲକ ବିଜୁ ଜନତା ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଗୁରୁମା ଦିଗଦର୍ଶନୀ ରାଉତ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ର ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଅତିଥିମାନେ ପିଲାଙ୍କୁ କ୍ରୀଡାର ଉପାଦେୟତା, ବିଭିନ୍ନ ଜାତୀୟ, ଆନ୍ତର୍ଜାତୀୟ କ୍ରୀଡାବିତ୍‌ମାନେ କିପରି ଭଲ ଖେଳ ପ୍ରଦର୍ଶନ କରି ଆମ ଦେଶ ପାଇଁ ଗୌରବ ଆଣିଛନ୍ତି ତାହା ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ପିଲାଙ୍କୁ କ୍ରୀଡା ପାଇଁ ଶପଥ ପାଠ କରାଇଥିଲେ ୧୦୦/୨୦୦ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ମିଉଜିକ୍ ଚେୟାର, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଏହି କ୍ରୀଡା ୩ ଦିନ ଧରି ଚାଲିବ। ଗୁରୁଜୀ ସାଗର ବିଶ୍ୱାସ, ଭାରତୀ ମହାପାତ୍ର, ଶୈଳେନ୍ଦ୍ରୀ ସାହୁ , ବିଜୟଲକ୍ଷ୍ମୀ ଚକ୍ରବର୍ତ୍ତୀ, ବନମାଳା ମଣ୍ଡଳ, ମିତା ତାପାଲି, ଶିବାନୀ ସରକାର, ପ୍ରଭାତି ବିଶ୍ୱାସ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଜୀବନକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

## ୩ ଦିନ ପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ହେଲା

ପଟ୍ଟାଙ୍ଗି,୨୦।୧୨(ଡି.ଏନ.ଏ.)

- ଘାଟିରେ ଗ୍ୟାସ ଟ୍ୟାଙ୍କର ଓଲଟିବା ଘଟଣା
- କମ୍ପାନୀ ଗାଡି ଗ୍ୟାସ ଖାଲି କରିବାରେ ବିଫଳ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାଠାରୁ ୨ କି.ମି. ଦୂରରେ ଗତ ୧୭ ତାରିଖରେ ଏକ ଗ୍ୟାସ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିଥିଲା। ଏଥିଯୋଗୁ ତିନି ଦିନ ହେଲା ଜାତୀୟ ରାଜପଥ ଦେଇ ସମସ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ମଙ୍ଗଳବାର ତହସିଲଦାର, ଅଗ୍ନିଶମ ଏବଂ ପୋଲିସ ସହଯୋଗରେ ଉକ୍ତ ରାଜପଥ ଦେଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଅନ୍ୟପକ୍ଷରେ ସୋମବାର ନାଲକୋ କମ୍ପାନୀର ଏକ ବସ୍‌କୁ ଆନ୍ଧ୍ର ଅଭିମୁଖେ ଛଡାଯିବାରୁ ସେଠାରେ ଅଟକି ରହିଥିବା ମାଲବାହୀ ଟ୍ରକ ଡ୍ରାଇଭରଙ୍କ ସମେତ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା।

ଶନିବାର ଭୋରରୁ ବିଶାଖାପାଟଣାରୁ ଛତିଶଗଡ଼ର ରାୟପୁର ଅଭିମୁଖେ ଯାଉଥିବା ଗ୍ୟାସ ଟ୍ୟାଙ୍କର ଭାରସାମ୍ୟ ହରାଇ ଘାଟି ରାସ୍ତାରେ ଓଲଟି ପଡିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରଥମେ ଏହାକୁ ଯାଞ୍ଚ କରି ଏଥିରୁ ଗ୍ୟାସ ଲିକ୍ ହେଉଥିବା ଜାଣିବାକୁ ପାଇଥିଲେ। ଫଳରେ ଉକ୍ତ ରାସ୍ତାରେ ସମସ୍ତ ଗାଡିମୋଟର ଚଳାଚଳ ଅଗ୍ନିଶମ ବିଭାଗ ବନ୍ଦ କରିଥିଲା। ରବିବାର ସକାଳୁ ଦୁର୍ଘଟଣା ସ୍ଥଳକୁ ଇଣ୍ଡେନ ଗ୍ୟାସ କମ୍ପାନୀର ଆସିଥିବା କର୍ମଚାରୀ ଟ୍ୟାଙ୍କରରୁ ଗ୍ୟାସ ଖାଲି କରିବା ଆରମ୍ଭ କରିଥିଲେ ମଧ ତିନି ଦିନ ହେଲା ଏହି କାର୍ଯ୍ୟ ନ ସରିବାରୁ ଟ୍ୟାଙ୍କରରୁ ସମସ୍ତ ଗ୍ୟାସ ଅନ୍ୟ ଗାଡ଼ି ବହୁ କଷ୍ଟରେ ସ୍ଥାନାନ୍ତର କରାଯାଇଥିଲା। ଅବଶିଷ୍ଟ ରହିଯାଇଥିବା ୩ ପ୍ରତିଶତ ଗ୍ୟାସକୁ ମଙ୍ଗଳବାର ସକାଳୁ ଅଗ୍ନିଶମ କର୍ମଚାରୀ ପାଣି ମାରି ଖାଲି କରିବା ପରେ ଅପରାହ୍ନ ୫ଟାରେ ଉକ୍ତ ରାସ୍ତାରେ ଅଟକି ରହିଥିବା ସମସ୍ତ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇ ଥିଲା।


ଅଗ୍ନିଶମ କର୍ମଚାରୀମାନେ ପାଣିମାଡ଼ କରି ରହିଯାଇଥିବା ଅଳ୍ପ ପରିମାଣର ଗ୍ୟାସକୁ ଖାଲି କରୁଛନ୍ତି।

## ୨ଶହ ପ୍ରତିଯୋଗୀଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବୈପାରିଗୁଡା,୨୦।୧୨ (ଡି.ଏନ.ଏ.)

ମଙ୍ଗଳବାର ସ୍ଥାନୀୟ ସରକାରୀ ହାଇସ୍କୁଲ ଖେଳ ପଡିଆଠାରେ ମାଧମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୧୯ଟି ହାଇସ୍କୁଲର ୨ ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ୧୭ ବର୍ଷ ବୟସରୁ କମ୍ ସିନିୟର ଗ୍ରୁପ୍ ଓ ୧୪ ବର୍ଷରୁ କମ୍ ଜୁନିୟର ଗ୍ରୁପ୍‌ରେ ପ୍ରତିଯେଗୀମାନଙ୍କୁ ଭାଗ କରାଯାଇଥିଲା। ବାଳକ ଓ ବାଳିକା ବର୍ଗକୁ ନେଇ ପୃଥକ ପୃଥକ ଭାବେ ପ୍ରତିଯୋଗିତା ହୋଇଥିଲା। ଆଥେଲେଟିକ୍ ଇଭେଣ୍ଟରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଶଟ୍‌ପୁଟ୍ ଥ୍ରୋ, ଡିସକସ୍ ଥ୍ରୋ ଓ ଯୋଗ ଆଦି ପ୍ରତିଯୋଗିତା କରାଯାଇଥିଲା। ସେହିପରି ପ୍ରତିଯୋଗିତାରେ କ୍ରିକେଟ୍, ଭଲିବଲ୍, ଫୁଟ୍‌ବଲ୍, ଖୋଖୋ ଖେଳ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ଥିବା ୩୪ ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତର ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ସିମାଞ୍ଚଳ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରଥିଲେ। ସମ୍ମାନିତ ଅତିଥି ଭାବେ ବୈପାରିଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମମତା ସଏ ଏବଂ କାକଳପଡା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଧରିତ୍ରୀ ଦୀପ୍ ଉପସ୍ଥିତ ଥିଲେ। ସମସ୍ତ ହାଇସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ମଣ୍ଡିରୁ ଉଠୁନି ଧାନ, ରାସ୍ତାକୁ ଓହ୍ଲାଇଲେ ଚାଷୀ

କୋଷାଗୁମୁଡ଼ା, ୨୦।୧୨(ଡି.ଏନ୍.ଏ.)

ଚଳିତ ବର୍ଷ ଆରମ୍ଭରୁ ଦେଖାଦେଇଛି ଖରିଫ ଧାନମଣ୍ଡିରେ ଅବ୍ୟବସ୍ଥା। ପ୍ରଥମ ଦିନରୁ ଧାନମଣ୍ଡିରେ ଅଚଳାବସ୍ଥା। ଉଠିପାରିନାହିଁ ମଣ୍ଡିରୁ ଚାଷୀଙ୍କ ଧାନ। ବିଭାଗ ମିଲର୍ସଙ୍କୁ ସୁହାଇଲା ଭଳି ଧାନ ବିକ୍ରି ପାଇଁ ଚାଷୀଙ୍କୁ ବାଧ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି ଚାଷୀ। କୁଇଣ୍ଟାଲ ପିଛା ୫ରୁ ୬ କି.ଗ୍ରା. କଟ୍‌ନିକୁ ବିରୋଧକରି ୨ଦିନ ହେବ ମଣ୍ଡିରେ ପଡ଼ିରହିଛି ଚାଷୀଙ୍କ ଧାନ। କଟ୍‌ନି ଛଟ୍‌ନିକୁ ନେଇ ଚାଷୀ ମିଲର୍ସ ମୀମାଂସା ନ ହୋଇ ଦେଖାଦେଇଛି ବିବାଦ। ଫଳ ସ୍ୱରୂପ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହୋଇଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବଡ଼ଆମ୍ବଡ଼ା ଚାଷୀ।

କୋଷାଗୁମୁଡ଼ା ଲ୍ୟାମ୍ପସ ଅଧୀନ ବଡ଼ଆମ୍ବଡ଼ା ମଣ୍ଡିରେ ସପ୍ତାହର ସୋମବାର ଓ ମଙ୍ଗଳବାର ବଡ଼ଆମ୍ବଡ଼ା, ସାନଆମ୍ବଡ଼ା, ବିଞ୍ଜିଲି, ଉକିଆପାଲି ପଞ୍ଚାୟତର ଚାଷୀମାନଙ୍କ ଧାନ ବିକ୍ରି ପାଇଁ ଧାର୍ଯ୍ୟ କରାଯାଇଛି। ସୋମବାର ୧୭୧ ଚାଷୀଙ୍କ ମୋଟ ୧୫୨୫୦ ପ୍ୟାକେଟ ଧାନ ବିକ୍ରି ପାଇଁ ବଡ଼ଆମ୍ବଡ଼ା ମଣ୍ଡିରେ ପଡ଼ିଥିଲା। ଚାଷୀମାନଙ୍କୁ ମିଲର୍ସମାନେ ଧାନର ମାନ ଏଫ୍‌ଏକ୍ୟୁ ନ ଥିବା କହି କଟ୍‌ନି ଛଟ୍‌ନି ବାବଦରେ କୁଇଣ୍ଟାଲ ପିଛା ୫ରୁ ୬ କିଲୋ କାଟିବାକୁ କହିଥିଲେ। ଚାଷୀମାନେ ୨ କିଲୋ କଟ୍‌ନି ପାଇଁ ରାଜି ହୋଇଥିଲେ ମଧ୍ୟ ମିଲର୍ସମାନେ ଏଥିରେ ରାଜି ହୋଇ ନ ଥିଲେ। ଏନେଇ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ଚାଷୀଙ୍କୁ ସହଯୋଗ କରିବା ପରିବର୍ତ୍ତେ ମିଲର୍ସଙ୍କୁ ସୁହାଇବା ଭଳି ପଦକ୍ଷେପ ଗ୍ରହଣ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନବିକ୍ରି ପାଇଁ ମିଲର୍ସ ଓ ଚାଷୀଙ୍କ ମଧ୍ୟରେ କୌଣସି ମୀମାଂସା ହୋଇ ନ ପାରି ବାଧ୍ୟହୋଇ ସମସ୍ତ ଚାଷୀ କୋଷାଗୁମୁଡା-ବରଗାଁ ରାସ୍ତାକୁ ଓହ୍ଲାଇ ଦିନ ୧୧ଟାରୁ ଅବରୋଧ କରିଥିଲେ। ଅପରାହ୍ନରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ମାଝି ଓ ବ୍ଲକ ଯୋଗାଣ ନିରୀକ୍ଷକ ରାଜେଶ ଶବର, ବଡ଼ଆମ୍ବଡା ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ଯାଇ ଧାନର ମାନ ପ୍ରଥମେ ବିଶ୍ଳେଷଣ କରିବା ପରେ ବିକ୍ରି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବହୁ ବୁଝାଶୁଝା କରିଥିଲେ। ପରେ ଚାଷୀମାନେ ରାସ୍ତାରୁ ହଟିଯାଇଥିଲେ। ପରେ ଚାଷୀମାନଙ୍କ ଧାନର ମାନ ମଧ୍ୟ ପରୀକ୍ଷା କରିଥିଲେ। ଏବେ ଯାଏ କିନ୍ତୁ ଧାନମଣ୍ଡିରେ ରହିଛି। ଚାଲିଥିବା ଅବ୍ୟବସ୍ଥା ଯଦି ଶୀଘ୍ର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଚାଷୀ ବଡ଼ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଚାଷୀମାନେ ମଣ୍ଡିରେ ଧାନ ରଖି ବିକ୍ରି ପାଇଁ ଅପେକ୍ଷା କରିଛନ୍ତି।

- କଟ୍‌ନି ଛଟ୍‌ନି ବାବଦକୁ ମିଲର୍ସ ଦାବି କରୁଛନ୍ତି ୫ରୁ ୬ କିଲୋ ଧାନ
- ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରଶାସନ ଚୁପ୍ ରହୁଥିବା ଅଭିଯୋଗ
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



ନନ୍ଦାହାଣ୍ଡି,୨୦।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଚାଲିଥିବା ୨ ଦିନିଆ ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ କନିଷ୍ଠ ବର୍ଗର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିନରେ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ବିଦ୍ୟାଳୟର ୧୪୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତ୍ୟେକ କ୍ରୀଡ଼ାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳି ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଭାଗନେବେ। ଉଦ୍‌ଯାପନୀ ଉତ୍ସବରେ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝି ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ସମିତି ସଭ୍ୟା ହୀରାମଣି ଜାନି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରେଶ ଦାଶ, ଏବିଡିଓ ହରିହର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା।

### ଗୁଣପୁରରେ ନିଯୁକ୍ତି ମେଳା

ଗୁଣପୁର,୨୦।୧୨(ଡି.ଏନ୍.ଏ)-ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଚଇତି ପଡିଆରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତି ମେଳାକୁ ରାୟଗଡ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ନିଯୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପଜିଲାପାଳ ଲଳିତ କୁମାର କହଁର, ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ, ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଅତୁଲ ପଣ୍ଡା, ଓରମାସ ଅତିରିକ୍ତ ନିର୍ଦ୍ଦେଶକ ମନୋଜ ପାତ୍ର, ଡିଆଇପିଆର୍‌ଓ ବସନ୍ତ ପ୍ରଧାନ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନିଯୁକ୍ତି ଦାତା ଯୋଗଦାନ କରି କାଉନସେଲିଂ କରିଥିଲେ। ଆଶାୟୀମାନେ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର ସହ ମେଳାରେ ଯୋଗଦେଇଥିଲେ। ମେଳାରେ ୫୨୩ ଯୁବତୀଯୁବକଙ୍କ ମଧ୍ୟରୁ ୨୪୯ ଜଣକୁ ଚୟନ କରାଯାଇଛି। ସିଲେଇ ତାଲିମ ୧୩ ଓ ଅନ୍ୟ ଟ୍ରେନିଂରେ ୧୪ ଜଣ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ନିଯୋଜନ କାର୍ଯ୍ୟାଳୟର ଦିଲ୍ଲୀପ ପଣ୍ଡା ପରିଚାଳନା କରିଥିଲେ।

### ନାବାଳିକା ବଳାତ୍କାର ମାମଲା
### ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ



ରାୟଗଡ଼ା ଅଫିସ, ୨୦।୧୨- ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ରାୟଗଡ଼ା ଅତିରିକ୍ତ ଜିଲା ଦୌରା ଜଜ୍ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ଜୁନାସ ମିସାଲ(୨୦)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ଦୌରାଜଜ୍ ନିଜ ରାୟରେ କହିଛନ୍ତି। ସୂଚନାନୁଯାୟୀ, ଅଭିଯୁକ୍ତ ଶେଷଖାଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଶେଷଖାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେଶ ନମ୍ବର ୧୯/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୬ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଦୌରା ଜଜ୍ ଏଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ମିଶ୍ର ଓ ସରକାରଙ୍କ ପକ୍ଷରୁ ଆଇନଜୀବୀ ବିରଜା ପାତ୍ର ମାମଲା ପରିଚାଳନା କରିଛନ୍ତି।

# କମୁଛି ମାଓବାଦୀ କାର୍ଯ୍ୟକଳାପ, ଖାଲି ହେଉଛି ବିଏସଏଫ୍

ରାୟଗଡ଼ା,୨୦।୧୨(ସ୍ୱ.ପ୍ର.)

ମାଓବାଦୀଙ୍କ ଗଡ଼ ବୋଲାଉଥିବା ରାୟଗଡ଼ା ଜିଲାରେ ବର୍ତ୍ତମାନ ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରହିଛି। ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଇବାରେ ଲାଗିଛି। ଏଣୁ ଜିଲାରୁ କେନ୍ଦ୍ରୀୟ ଫୋର୍ସ ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଗତ କିଛି ବର୍ଷ ହେବ କୌଣସି ମାଓବାଦୀ ହିଂସା ଘଟିନାହିଁ। ପୂର୍ବରୁ ଚନ୍ଦ୍ରପୁରରୁ ଆରମ୍ଭ କରି କାଶୀପୁର, କେନ୍ଦୁଗୁଡ଼ା ଏବଂ କେରଡ଼ା ସବୁଠି ମାଓବାଦୀ ନିଜ ଉପସ୍ଥିତି ଜାହିର କରିଥିଲେ। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ସୀମାନ୍ତରେ ତେଲୁଗୁ ମାଓବାଦୀ କ୍ୟାଡରଙ୍କ ପ୍ରତିପତି ରହିଥିଲା। ରାୟଗଡ଼ା ଜିଲାର କୋଣ ଅନୁକୋଣରେ ଓଡ଼ିଶା ମାଓବାଦୀ କମିଟି ଗଠନ ହୋଇ ନିଜର ପ୍ରଭାବ ବିସ୍ତାର କରିଥିଲା। ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ରାୟଗଡ଼ା ଜିଲାରୁ ନିଜ ସଙ୍ଗଠନ ଆରମ୍ଭ କରିଥିଲେ। ତାଙ୍କ ବ୍ୟତୀତ ଆଜାଦ, ଅରୁଣା, ଆକାଶ, ଗୀତା ଭଳି କ୍ୟାଡ଼ର ମଧ୍ୟ ରାୟଗଡ଼ା ଜିଲାରେ ନିଜ ସଙ୍ଗଠନ ବଢ଼ାଇଥିଲେ। ଏଭଳିକି ଗଣପତି ଏବଂ ରାମକ୍ରିଷ୍ଣା ଭଳି ବହୁ ଚର୍ଚ୍ଚିତ ମାଓବାଦୀ ନେତା ଏଠାରେ ନେଟୱର୍କ ଚଳାଇଥିଲେ। ହେଲେ ଲଗାତାର ପୋଲିସ ଅପରେସନ ଯୋଗୁ ରାୟଗଡ଼ାରେ ମାଓବାଦୀଙ୍କ ପ୍ରାର୍ଦୁଭାବ ସମ୍ପୂର୍ଣ୍ଣ ବିଲୀନ ହୋଇଗଲାଣି। ଫଳସ୍ୱରୂପ ମାଓ ଦମନ ପାଇଁ ୨୦୧୩ରେ ଜିଲାରେ ଡେରା ପକାଇଥିବା ବିଏସ୍‌ଏଫ ଯବାନ ବର୍ତ୍ତମାନ ଖାଲି କରୁଛନ୍ତି। ଜିଲାର କାଶୀପୁର ଏବଂ କୁମ୍ଭିକୋଟାରେ ବିଏସଏଫ ଯବାନ ମୁତୟନ ଥିଲେ। ୬୮ ନଂ ବାଟାଲିୟନ ଏହି ଦୁଇ ସ୍ଥାନରେ କ୍ୟାମ୍ପ କରିଥିବାବେଳେ ରାୟଗଡ଼ାରେ ହେଡ୍‌କ୍ୱାଟର ଅପରେଟ୍ ହେଉଛି। ଏହିଠାରୁ କୋରାପୁଟ ଜିଲା ବନ୍ଧୁଗାଁ ଥାନା ଅଞ୍ଚଳରେ ଥିବା କ୍ୟାମ୍ପ ନିୟନ୍ତ୍ରଣ କରାଯାଉଛି ବୋଲି ସେକେଣ୍ଡ ଇନ କମାଣ୍ଡାଣ୍ଟ ରବିକାନ୍ତ ସୂଚନା ଦେଇଛନ୍ତି। ଜିଲା ପୋଲିସ ନିର୍ଦ୍ଦେଶରେ ବିଏସ୍‌ଏଫ କାର୍ଯ୍ୟ ପରିଚାଳନା ହେଉଛି। ଜିଲା ପୋଲିସ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ କ୍ୟାମ୍ପ ଗଠନ କରାଯାଇଛି ବୋଲି ରବିକାନ୍ତ କହିଛନ୍ତି । ରବିକାନ୍ତଙ୍କ ସୂଚନା ଅନୁଯାୟୀ, କାଶୀପୁର ବିଏସଏଫ କ୍ୟାମ୍ପ ଯବାନମାନେ ବାସଙ୍ଗମାଲି, ଲେଲିଗୁମ୍ମା ଓ ନିସିଖାଲ ଜଙ୍ଗଲରେ କୋମ୍ବିଂ ଅପରେସନ ପାଇଁ ମୁତୟନ ଥିଲେ। ବାସଙ୍ଗମାଲି ଏନକାଉଣ୍ଟରରେ ମାଓବାଦୀ ରବି ସମେତ ୯ ଜଣ ମୃତ୍ୟୁବରଣ କରିବା ପରେ ସେଠାରେ ଯବାନ ମୁତୟନ ହୋଇଥିଲେ। । ସେହିଭଳି ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବଢ଼ିବା ପରେ କୁମ୍ଭିକୋଟା ଠାରେ ଫୋର୍ସ ମୁତୟନ କରାଯାଇଥିଲା। ବର୍ତ୍ତମାନ ସେଠାରୁ ବିଏସ୍‌ଏଫ ଫୋର୍ସ ଫେରିଯିବା ପରେ ଆଇଆରବି ଯବାନ ମୁତୟନ କରାଯାଇଛି।

# ଜିଲାସ୍ତରୀୟ ବିଜ୍ଞାନ ମେଳା


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ନବରଙ୍ଗପୁର,୨୦।୧୨(ବି.ପ୍ର.)

ନବରଙ୍ଗପୁରସ୍ଥିତ ରାଜା ଚୈତନ୍ୟ ଦେବ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଡିଇଓ ପ୍ରଦୀପ କୁମାର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ବିଜ୍ଞାନ ମେଳାର ଉଦ୍‌ଘାଟନ କରିଥିଲେ। ବିଜ୍ଞାନ, ଗଣିତ ଓ ପରିବେଶ ପ୍ରକଳ୍ପଗୁଡିକ ଏହି ମେଳାରେ ପ୍ରଦର୍ଶିତ ହୋଇଥିଲା। ଜିଲାର ୧୦ ବ୍ଲକର ୭ଟି ବିଜ୍ଞାନ ଓ ଗଣିତ ଭିତ୍ତିକ ପ୍ରକଳ୍ପ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରମେଶ ଲାଲ ନାୟକ , ଆରସିଡ଼ି ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଚିତ୍ତରଞ୍ଜନ ପଟ୍ଟନାୟକ, ଓଁକାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



ରାୟଗଡ଼ା,୨୦।୧୨(ସ୍ୱ.ପ୍ର.)

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ପ୍ରସନ୍ନ କୁମାର ଗନ୍ତାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଶିବ ପ୍ରସାଦ ପିଡିକା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଙ୍କୁ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟାପକ ଡ. ବବିଲତା ଶ୍ରଫ ଏବଂ ଅରୁଣ କୁମାର ଖାଡ଼ଙ୍ଗା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଡ ପ୍ରସନ୍ନ ଗନ୍ତାୟତ ନୂତନ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ପଞ୍ଚାୟତ ପରିସରରୁ ବାଇକ୍ ଚୋରି

ଟିକିରି, ୨୦।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଶିକ୍ଷକଙ୍କ ଏକ ଜରୁରୀ ବୈଠକ ଥିଲା। ଏହି ସମୟରେ ଶିକ୍ଷକମାନେ ପଞ୍ଚାୟତ ସମ୍ମୁଖରେ ବାଇକ ରଖି ବୈଠକ କରୁଥିବାବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ମିହିରି କୁମାର ନାୟକଙ୍କ ବାଇକ୍ (ଓଡ଼ି-୧୮ଇ-୪୧୫୫) ଚୋରି କରି ନେଇଯାଇଛନ୍ତି। ବହୁ ଖୋଜାଖୋଜି ପରେ ମଧ୍ୟ ବାଇକ୍ ନ ମିଳିବାରୁ ଗାଡ଼ି ମାଲିକ ମିହରି ଟିକିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ଓଡ଼ିଆ ବିଭାଗର ପାଠଚକ୍ର




ବିଷମକଟକ, ୨୦।୧୨(ଡି.ଏନ୍.ଏ.)

ରାୟଗଡା ଜିଲା ବିଷମକଟକ ବ୍ଲକ ସଦରରେ ଥିବା ମା ମାର୍କମା ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ଏକ ପାଠଚକ୍ର କାର୍ଯ୍ୟକ୍ରମ କାରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ବି.ରବି ଶଙ୍କରଙ୍କ ପୌରହିତ୍ୟରେ ଆୟୋଜିତ ପାଠଚକ୍ରର ଆଲୋଚନାର ବିଷୟ ଥିଲା ରାଧାନାଥଙ୍କ ସାହିତ୍ୟରେ ପ୍ରକୃତିର ଚିତ୍ର। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଭାଗିରଥି ପଲାଇ ଯୋଗ ଦେଇ ରାଧାନାଥ ସାହିତ୍ୟରେ ପ୍ରକୃତି କିପରି ଜୀବନ୍ତ ଓ ମାନବାୟିତ ହୋଇ ପାରିଥିଲା ତାହାକୁ ନେଇ ଆଲୋଚନା କରିଥିଲେ। ଶେଷ ବର୍ଷର ୪ଜଣ ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ। କାର୍ଯ୍ୟକ୍ରମଟିକୁ ବିଭାଗର ମୁଖ୍ୟ ଦୀପ୍ତିରାଣୀ ମିଶ୍ର ପରିଚାଳନା କରିଥିଲେ। ସୁଚିସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲିଥିନ୍‌ମୁକ୍ତ ସବୁଜ ପରିବେଶ ବାର୍ତ୍ତା ନେଇ ଶୋଭାଯାତ୍ରା

ଗୁଣପୁର,୨୦।୧୨(ଡି.ଏନ.ଏ)

**ଶୀତକାଳୀନ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ**

ରାୟଗଡ଼ା ଜିଲା ଗୁଣପୁର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ସ୍ୱତନ୍ତ୍ର ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦେଶ ଗଠନରେ ଯୁବ ଶକ୍ତିର ବିଶେଷ ଭୂମିକା ରହିଛି। ଏଭଳି ଶିବିର ଦ୍ୱାରା ଛାତ୍ରୀଛାତ୍ର ସାମାଜିକ ସେବା ନେଇ ବହୁତ କିଛି ଶିକ୍ଷା ଲାଭ କରିପାରିବେ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ କହିଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟପକ ତଥା ଏନ୍‌ଏସ୍‌ଏସ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ମହାନ୍ତି, କଲେଜ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏନ୍‌ଏସ୍‌ଏସ୍ ୟୁନିଟ ୧ର ଅଧିକାରୀ ତଥା ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି ଶିବିରରେ ସଫେଇ, ଚାରାରୋପଣ, ସ୍ୱାସ୍ଥ୍ୟ ସଚେତନତା, ସାକ୍ଷରତା, ବାଲ୍ୟବିବାହ ରୋକିବା, ରକ୍ତଦାନ ଭଳି କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି। ଏଥିସହ ପୋଷ୍ୟ ଗ୍ରାମଭାବେ ହାଉସିଂ ବୋର୍ଡ ଓ ବନ୍ଧୁଗୁଡ଼ା ଗ୍ରାମକୁ ଚିହ୍ନଟ କରାଯାଇ ସେଠାରେ ଉପରୋକ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ୨୬ରେ ଉଦ୍‌ଯାପିତ ହେବ। ପରିଶେଷରେ ୟୁନିଟ ୨ କାର୍ଯ୍ୟକ୍ରମ ଅଧିକାର ଡଃ ଦେବିଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପଲିଥିନ୍‌ମୁକ୍ତ ସବୁଜ ପରିବେଶ ସୃଷ୍ଟି ପାଇଁ ଉଭୟ ପୋଷ୍ୟ ଗ୍ରାମରେ ଶିବିରାର୍ଥୀମାନେ ସଚେତନ କରିଥିଲେ।


ଶିବିରାର୍ଥୀମାନେ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରାରେ ପରିକ୍ରମା କରୁଛନ୍ତି।

# ମଣ୍ଡିରେ ଧାନ ବିକିବାକୁ ସଚେତନ କରିବ ପ୍ରଚାର ରଥ



ଅତିଥି ପ୍ରଚାର ରଥର ଶୁଭାରମ୍ଭ କରୁଛନ୍ତି।

ଗୁଣପୁର,୨୦।୧୨(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ମଙ୍ଗଳବାର ଧାନ ମଣ୍ଡି ପାଇଁ ପ୍ରଚାର ରଥ ଉଦ୍‌ଘାଟିତ ହୋଇଯାଇଛି। ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଚାର ରଥର ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି ସମ୍ପାଦକ ଦଳପତି କାର୍ଜି,ଏଆରସିଏସ ଅଫିସର ନିରିକ୍ଷକ ସମୀର କୁମାର ସ୍ୱାଇଁ, ଚାଷୀ ଆଇ. ରାମାରାଓ ଏବଂ ଆର୍‌ଏମ୍‌ସି କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ୨୬ ତାରିଖରେ ଗୁଣପୁର ଉପଖଣ୍ଡ ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟନ ହେବାକୁ ଥିବାବେଳେ ଏହା ପୂର୍ବରୁ ଏହି ରଥ ଗାଁ ଗଣ୍ଡା ବୁଲି ଚାଷିଙ୍କୁ ସଚେତନ କରିବ। ୨୯ଟି ମଣ୍ଡି ଖୋଲାଯିବା ବ୍ୟବସ୍ଥା ହୋଇଥିବାବେଳେ ଚାଷୀ ଏଫଏକ୍ୟୁ ମାନର ଧାନ ଆଣି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ନେବାକୁ ଅନୁରୋଧ କରାଯାଇଛି।

# ଚନ୍ଦାହାଣ୍ଡିକୁ ହରାଇ କ୍ୱାର୍ଟର ଫାଇନାଲରେ ଅନକାବେଡ଼ା

ଚନ୍ଦାହାଣ୍ଡି, ୨୦।୧୨(ଡି.ଏନ୍.ଏ.)

**ମାଁ ଠାକୁରାଣୀ କ୍ରିକେଟ ପ୍ରତିଯୋଗିତା**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଧୀନ ଜମାରଦାରପଡା କ୍ରିକେଟ ଷ୍ଟାଡିୟମରେ ଜମାଦାରପଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ ମାଁ ଠାକୁରାଣୀ ଆନ୍ତରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ଗ୍ରୁପ ଏ ର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ମଙ୍ଗଳବାର ଖେଳାଯାଇଥିଲା। ଏହି ମ୍ୟାଚରେ ଅନକାବେଡା ଦଳ ବିଜୟୀ ହୋଇ ଦ୍ୱିତୀୟ କ୍ୱାଟର ଫାଇନାଲକୁ ଉନ୍ନୀତ ହୋଇଛି।

ଅନକାବେଡା ଦଳ ପ୍ରଥମେ ବ୍ୟାଟିଂ କରି ଜୟଦେବଙ୍କ (୩୦) ରନ ଏବଂ ଦୁର୍ଯୋଧନ (୨୬) ରନ ସହାୟତାରେ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ ସଂଗ୍ରହ କରିଥିଲ। ଜବାବରେ ୮୧ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଚନ୍ଦାହାଣ୍ଡି ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦ ଓଭରରେ ୫ ଉଇକେଟ ହରାଇ ମାତ୍ର ୫୬ ରନ ସଂଗ୍ରହ କରିଥିଲା। ୧୦ ବଲରୁ ୨ଟି ଚୌକା ଓ ୩ଟି ଛକା ସହାୟତାରେ ୩୦ ରନ ସଂଗ୍ରହ ଓ ଗୋଟିଏ ଉଇକେଟ ନେଇଥିବା ଅନକାବେଡା ଦଳର ଖେଳାଳି ଜୟଦେବ ପାଣ୍ଡେଙ୍କୁ ସମ୍ମାନିତ ଅତିଥି ରଥ ହାତୀ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ଭୀମସେନ ଦାଣ୍ଡିଆ ଓ ଭିକାରୀ ପଟେଲ ଅମ୍ପାୟାର, ବିକାଶ ହରପାଲ ଓ ଭୂପେନ୍ଦ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଅଫ୍‌ଲାଇନ ସ୍କୋରରଭାବେ କମଲେଶ ଦାୟିତ୍ୱ ତୁଲାଇଥିଲେ। ଜମାଦାରପଡା ମା ଠାକୁରାଣୀ କ୍ରିକେଟ କ୍ଲବ ସଭାପତି ଭୂପେନ୍ଦ୍ର ଚୌହାନଙ୍କ ତତ୍ତ୍ୱାବଧାନରେ ମା ଠାକୁରାଣୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ। ବୁଧବାର ଲିଟିଲ ଷ୍ଟାର ଓ ପିଙ୍କୁ-୧୧ ଏବଂ ପାଟଖଲିଆ ଓ ବେହେରାମୁଣ୍ଡା ମଧ୍ୟରେ ୨ଟି ମ୍ୟାଚ ଖେଳାଯିବ।


ଅତିଥି ମ୍ୟାଚ ଅଫ୍ ଦି ମ୍ୟାଚ ଜୟଦେବ ପାଣ୍ଡେଙ୍କୁ ସମ୍ମାନିତ କରୁଛନ୍ତି।

# 'ଶିକ୍ଷାର ବିକାଶରେ ହିଁ ଅଞ୍ଚଳର ବିକାଶ'

ନବରଙ୍ଗପୁର, ୨୦।୧୨(ବି.ପ୍ର.)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ନବରଙ୍ଗପୁର କଲେଜ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଦିବସ**

ନବରଙ୍ଗପୁର ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇଥିଲେ। ଶିକ୍ଷାର ବିକାଶରେ ହିଁ ଅଞ୍ଚଳର ବିକାଶ ହେବ। ତେଣୁ ନବରଙ୍ଗପୁର ଜିଲାରେ ଶିକ୍ଷା ବିକାଶର ବହୁତ ଜରୁରୀ। ଯଦି ପ୍ରକୃତରେ ଆମେ ନବରଙ୍ଗପୁରକୁ ଭଲ ପାଉଥିବା ତାହାଲେ ଜିଲାର ଶିକ୍ଷା ଏବଂ କୃଷିର ବିକାଶ କରିବା ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ପୂର୍ବତନ ଲୋକସଭା ଏମ୍‌ପି ତଥା ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି ଉପସ୍ଥିତ ରହି ଏଭଳି ଆୟୋଜନ ପାଇଁ ଆଲୁମିନି କମିଟିକୁ ଧନ୍ୟବାଦ ଦେଇଥିଲେ। କଲେଜକୁ ସରକାରୀ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ଉପସ୍ଥାପନା କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ,

ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ନନ୍ଦାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ରଶ୍ମିତା ମାଝି, ନବରଙ୍ଗପୁର ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ଃ ରାଧାନାଥ ବେହେରା, ଡ଼ଃ ବୃନ୍ଦାବନ ପାଢି, ଆଲୁମିନି ସଂଘ ସଭାପତି ଗଣେଶ୍ୱର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ଆଲୁମିନି ସମରେଶ ଗନ୍ତାୟତ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଭାସ୍କର ନାଥ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସଙ୍ଗୀତା ତ୍ରିପାଠୀ ସମ୍ପାଦକୀୟ ପାଠ କରିଥିଲେ। ରାମ ପ୍ରସାଦ ପାତ୍ର ଧନ୍ୟବାଦ୍ ଦେଇଥିଲେ। ସଭା ପରେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହାପରେ ସ୍ଥାନୀୟ କଳାକାର ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ଏବଂ ସଙ୍ଗୀତ ପରିବେଷଣ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ନବରଙ୍ଗପୁର ମହାବିଦ୍ୟାଳୟର ଆଲୁମିନି ସଂଘ ସଦସ୍ୟ ତଥା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ସଂଘ ମିଡିଆ ସଂଯୋଜକ କିଶୋର ପଟ୍ଟନାୟକ, ଶିବ ଶଙ୍କର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଜିତ ପାତ୍ର, କଲେଜ କିରାଣୀ ପ୍ରଶାନ୍ତ ମିଶ୍ର, କର୍ମଚାରୀ ଅଶୋକ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତଙ୍କ ସମେତ ବହୁ ଲୋକେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

